ଓଡ଼ିଶା ମୋ ପରିବାର
All for each, each for all

ଓଡ଼ିଶା-ମୋ ପରିବାର
# ନ୍ୟୁଜ୍‌ଲେଟର

ବର୍ଷ-୫ ■ ସଂଖ୍ୟା - ୩୯ / ମାର୍ଚ୍ଚ ୨୦୨୪

## ଭିତର ପୃଷ୍ଠାରେ


- ଶ୍ରଦ୍ଧାର ସହିତ ସେବା କାର୍ଯ୍ୟ
- ଶେଷକୃତ୍ୟ ସମୟରେ ସହାୟତା ଓ ସହାନୁଭୂତି

ପୃଷ୍ଠା-୨

- ଭିନ୍ନକ୍ଷମ ପର୍ଯ୍ୟଟକଙ୍କୁ ସହାୟତା
- ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା
- ଚଷମା ବଣ୍ଟନ କାର୍ଯ୍ୟକ୍ରମ

ପୃଷ୍ଠା-୩

- ସ୍ୱେଚ୍ଛାକୃତ ଅଙ୍ଗଦାନ ପାଇଁ ପଞ୍ଜିକରଣ

ପୃଷ୍ଠା-୪

- ଅଧରାତିରେ ରୋଗୀଙ୍କ ପାଖରେ ପହଞ୍ଚି ସହାୟତା ପ୍ରଦାନ
- ଭିନ୍ନକ୍ଷମ ଲିଜାଙ୍କୁ ସହାୟତା ଯୋଗାଇଲେ ସୋମନାଥ

ପୃଷ୍ଠା-୫

- ମୃତଦେହ ସ୍ଥାନାନ୍ତର ପାଇଁ ସହାୟତା ପ୍ରଦାନ
- କୃତ୍ରିମ ଅଙ୍ଗ ବିତରଣ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପୃଷ୍ଠା-୬

- ମିତ୍ରଭାନୁଙ୍କ ପରିବାରକୁ ସହାୟତା ପ୍ରଦାନ
- ବସ୍ ଦୁର୍ଘଟଣାଗ୍ରସ୍ତଙ୍କ ପାଖରେ ପହଞ୍ଚିଲା ଓଡ଼ିଶା-ମୋ ପରିବାର

ପୃଷ୍ଠା-୭

- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୮

- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୦

- ଆପାତକାଳରେ ରକ୍ତଦାନ

ପୃଷ୍ଠା-୧୧

- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୨

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ମାର୍ଚ୍ଚ ମାସର ଶ୍ରେଷ୍ଠ କର୍ମଚାରୀ

ପୃଷ୍ଠା-୧୪

ପୃଷ୍ଠା-୨୦ ପର୍ଯ୍ୟନ୍ତ




# ଜୀବନ ମୃତ୍ୟୁ ଲଢେଇରେ ହାର୍ ନ ମାନି ସଳଖି ଚାଲିଲେ ଭୂପେନ୍ଦ୍ର

ଏକ ବିରଳ ରୋଗରେ ପୀଡ଼ିତ ହୋଇ ନିଜେ ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ଅସମର୍ଥ ଥିଲେ ସୁନ୍ଦରଗଡ଼ ଜିଲ୍ଲାର ୨୫ବର୍ଷିୟ ଯୁବକ ଭୂପେନ୍ଦ୍ର କିଷାନ।

ତାଙ୍କୁ ସୁନ୍ଦରଗଡ଼ସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା କିନ୍ତୁ ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ନ ଆସିବାରୁ ଭୂପେନ୍ଦ୍ରଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରିବାରବର୍ଗ ରାଜ୍ୟସଭା ସାଂସଦ ଡ଼ଃ ଅମର ପଟ୍ଟନାୟକଙ୍କର ସାହାଯ୍ୟ ଲୋଡ଼ିବା ପରେ ଶ୍ରୀ ପଟ୍ଟନାୟକ ଓଡ଼ିଶା-ମୋ ପରିବାରର ସ୍ୱାସ୍ଥ୍ୟ ଉପଦେଷ୍ଟା ଡ଼ଃ ସତ୍ୟଜିତ୍ ଦାଶଙ୍କ ସହ ଆଲୋଚନା କରିଥିଲେ ଏବଂ ଭୂପେନ୍ଦ୍ରଙ୍କ ଏହି ଶୋଚନୀୟ ପରିସ୍ଥିତିର ମୁକାବିଲା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା । କଟକ ବଡ଼ ମେଡ଼ିକାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ, ରୋଗୀଙ୍କୁ ହସ୍ପିଟାଲରେ ସମସ୍ତ ଆବଶ୍ୟକୀୟ ସାହାଯ୍ୟ କରିଥିଲେ।

କିଛି ଦିନ ଚିକିତ୍ସା ଚାଲିବା ପରେ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ହାଇ-ଟେକ୍ ମେଡିକାଲକୁ ରେଫର୍ କରାଯାଇଥିଲା। ସେ ବସା ଉଠା କରିବାକୁ ଅସମର୍ଥ ଥିବାରୁ ତାଙ୍କୁ ସ୍ଥାନାନ୍ତର କରିବା ଯେପରି ଏକ ଚ୍ୟାଲେଞ୍ଜ ଥିଲା । ପରେ ୧୦ଜଣ ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ହାଇ-ଟେକ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା।

ପୃ-୧୩

## ଚଷମା ବଣ୍ଟନ କାର୍ଯ୍ୟକ୍ରମ



ପୃ-୩

# ଶ୍ରଦ୍ଧାର ସହିତ ସେବା କାର୍ଯ୍ୟ

ପେଟରେ ପ୍ରବଳ ଯନ୍ତ୍ରଣା ଭୋଗୁଥିବା ୫୧ ବର୍ଷିୟ ପଦ୍ମା ପ୍ରଧାନ ବରଗଡ଼ରେ ଚିକିତ୍ସିତ ହେଉଥିଲେ ଏବଂ ପରେ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ସ୍ୱାସ୍ଥ୍ୟ ପରୀକ୍ଷା ହେବା ପରେ ରୋଗୀଙ୍କୁ ତୁରନ୍ତ ଆଡ଼ମିଶନ କରିବାକୁ ପରାମର୍ଶ ଦିଆଯାଇଥିଲା। ଆମର ହେଲ୍ପଡେସ୍କ ସହଯୋଗୀ ଧିରେନ୍ଦ୍ର ସୁନା ରୋଗୀଙ୍କ ପାଖରେ ଉପସ୍ଥିତ ରହି ନିର୍ଦ୍ଦିଷ୍ଟ ପରୀକ୍ଷଣ ପରେ ଡାକ୍ତରଙ୍କ ପରାମର୍ଶ ନେବାରେ ତାଙ୍କୁ ସାହାଯ୍ୟ କରିଥିଲେ । ରୋଗୀଙ୍କୁ ହସ୍ପିଟାଲରେ ବେଡ଼ ଦିଆଯାଇନଥିଲା ଏବଂ ସେ ବିଶ୍ରାମାଗାରରେ ଅସହାୟ ଭାବରେ ବସିଥିଲେ। ରୋଗୀ ପାଇଁ ଜରୁରୀ ଅସ୍ତ୍ରୋପଚାରର ଆବଶ୍ୟକତା ଥିଲା । ଧିରେନ୍ଦ୍ର ମେଡ଼ିକାଲ ଅଧୀକ୍ଷକଙ୍କ ସହ ଆଲୋଚନା କରି, ତୁରନ୍ତ କିପରି ଅସ୍ତ୍ରୋପଚାର ହୋଇ ପାରିବ ସେଥି ନିମନ୍ତେ ସଂଯୋଜନା କରିଥିଲେ ଏବଂ ପଦ୍ମାଙ୍କ ପାଇଁ ତୁରନ୍ତ ଏକ ଶଯ୍ୟା ବ୍ୟବସ୍ଥା କରାଯାଇଥିଲା।


ଚିକିତ୍ସାଧୀନ ଅବସ୍ଥାରେ ଥିବା ରୋଗୀଙ୍କ ପାଖରେ ଧିରେନ୍ଦ୍ର



ପଦ୍ମାଙ୍କ ଝିଅ ହସ୍ପିଟାଲରେ ତାଙ୍କର ଯତ୍ନ ନେଉଥିଲା, ଯିଏ ଡାକ୍ତରଖାନାର ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲା । ଅସ୍ତ୍ରୋପଚାର ସମୟରେ ବିରଳ AB + ve ରକ୍ତର ଜରୁରୀ ଆବଶ୍ୟକତା ଥିବାରୁ, ଝିଅଟି ରକ୍ତ ଯୋଗାଡ଼ କରି ନ ପାରି ଧୀରେନ୍ଦ୍ରଙ୍କ ସହଯୋଗ ଲୋଡ଼ିବା ପରେ ଧୀରେନ୍ଦ୍ର ସମଗ୍ର ଚିକିତ୍ସା ପ୍ରକ୍ରିୟାରେ ଉଭୟ ରୋଗୀ ଏବଂ ତାଙ୍କ ଝିଅକୁ ସାହାଯ୍ୟ କରିବା ସହିତ ଆବଶ୍ୟକ ଥିବା ରକ୍ତ ୟୁନିଟ୍ ଯୋଗାଡ଼ କରି ଦେଇଥିଲେ ।

# ଶେଷକୃତ୍ୟ ସମୟରେ ସହାୟତା ଓ ସହାନୁଭୂତି

ଗଞ୍ଜାମ ଜିଲ୍ଲାର ୨୬ବର୍ଷିୟ ବାସିନ୍ଦା ଚନ୍ଦନ ନାୟକ ନିଜ ଘର ଛାଡ଼ି ପୁନେରେ ଦିନ ମଜୁରିଆ ଭାବରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ।

ଚନ୍ଦନ କର୍ମକ୍ଷେତ୍ରରେ ଅତ୍ୟଧିକ ଚାପକୁ ସମ୍ଭାଳି ପାରିନଥିଲେ, ଦୁଃଖର ବିଷୟ ସେ ବିଷ ପିଇ ଆତ୍ମହତ୍ୟା କରିଥିଲେ । ପୁଅର ଦେହାନ୍ତ ହେବାର ଖବର ଅଚାନକ ପାଇବା ପରେ ତାଙ୍କ ପରିବାରବର୍ଗ ଅବାକ ହୋଇଯାଇଥିଲେ।


ଶେଷକୃତ୍ୟ ସମୟରେ ପରିବାର ଲୋକଙ୍କ ପାଖରେ ପହଞ୍ଚିଲେ ବିଧାୟକ ଶ୍ରୀ ବିକ୍ରମ ପଣ୍ଡା

ପରିବାର ବର୍ଗ ପୁନେରୁ ପୁଅର ମୃତଦେହ ଆଣିବା ପାଇଁ ଆର୍ଥିକ ଦୃଷ୍ଟିରୁ ଅସମର୍ଥ ଥିଲେ।

ସେମାନଙ୍କର ଇଚ୍ଛା ଥିଲା ଶେଷ ଥର ପାଇଁ ପୁଅକୁ ଟିକେ ଦେଖିବେ ଏବଂ ସେମାନଙ୍କୁ ସାହାଯ୍ୟ କରିବାକୁ ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସହାୟତା ଲୋଡ଼ିଥିଲେ। ସୂଚନା ପାଇବା ପରେ ଶ୍ରୀ ପଣ୍ଡା ଶବକୁ ପୁନେରୁ ଗଞ୍ଜାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥିଲେ।

ଶେଷ ରୀତିନୀତି ସମୟରେ ଶ୍ରୀ ପଣ୍ଡା ପରିବାରବର୍ଗଙ୍କ ସହ ଛିଡ଼ା ହୋଇଥିଲେ । ପରିବାର ଏବଂ ଗ୍ରାମବାସୀ ଏହି ସହାୟତା ପାଇଁ ଭୂୟସୀ ପ୍ରଶଂସା କରିଥିଲେ।

# ଭିନ୍ନକ୍ଷମ ପର୍ଯ୍ୟଟକଙ୍କୁ ସହାୟତା

କୋଲକାତାର ୪୯ ବର୍ଷିୟ ବାସିନ୍ଦା କହ୍ନେଇ ଦାସ ପୁରୀ, ଜଗନ୍ନାଥ ମନ୍ଦିର ଗସ୍ତରେ ଥିବାବେଳେ ସେ ଏକ ମାଙ୍କଡ ଦ୍ୱାରା ଆକ୍ରମଣର ଶିକାର ହୋଇ ତାଙ୍କ ଜଙ୍ଘ ଓ ହାତରେ ଗଭୀର ଆଘାତ ଲାଗିଥିଲା ।

ଯେହେତୁ ସେ ଏକ ଦୁର୍ଘଟଣାରେ ତାଙ୍କ ଡାହାଣ ହାତ ହରାଇ ଥିଲେ, ସେଥିପାଇଁ ମାଙ୍କଡ଼ର ଆକ୍ରମଣରେ ସେ ଟିକେ ଭୟଭୀତ ହୋଇଯାଇଥିଲେ । ଖୁବ୍ ଶୀଘ୍ର ତାଙ୍କୁ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । କହ୍ନେଇ ଡାକ୍ତରଖାନାର ପ୍ରକ୍ରିୟା ବିଷୟରେ ଅବଗତ ନଥିବାରୁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବିଶ୍ୱ, ତାଙ୍କୁ ଅସହାୟ ଅବସ୍ଥାରେ



ଦେଖି ସଙ୍ଗେସଙ୍ଗେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇବା ସହିତ ଡ଼ାକ୍ତରଙ୍କ ପରାମର୍ଶ ନେବା ଠାରୁ ଆରମ୍ଭ କରି କାଉଣ୍ଟରରୁ ଔଷଧ ପାଇବା ପର୍ଯ୍ୟନ୍ତ ସମସ୍ତ ସାହାଯ୍ୟ କରିଥିଲେ ।

ବିଶ୍ୱ କହ୍ନେଇଙ୍କ ସହିତ ତାଙ୍କର ଏହି ସମସ୍ୟା ବିଷୟରେ ଆଲୋଚନା କରିଥିଲେ ଏବଂ ଆବଶ୍ୟକ ହେଉଥିବା ଏକ କୃତ୍ରିମ ଅଙ୍ଗ ପାଇଁ ପରବର୍ତ୍ତୀ ସମୟରେ ତାଙ୍କୁ ଓଡ଼ିଶା ପହଞ୍ଚିବାକୁ ପରାମର୍ଶ ଦେଇଥିଲେ।

ଓଡ଼ିଶା ଗସ୍ତ ସମୟରେ ଏତେ ସହଯୋଗ କରିଥିବାରୁ କହ୍ନେଇ ସମସ୍ତ ଓଡ଼ିଆ ଭାଇଭଉଣୀ ଏବଂ ବିଶ୍ୱଙ୍କୁ ଅଶେଷ କୃତଜ୍ଞତା ଜଣାଇଥିଲେ ।

# ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା

ନବରଙ୍ଗପୁର ଜିଲ୍ଲା କଚରାପାରା ନିବାସୀ ୩୨ବର୍ଷିୟ ଯୁବକ କୈବଲ୍ୟ ମାଝି ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ଜରୁରୀକାଳୀନ ଚିକିତ୍ସା ପାଇଁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।



ଚିକିତ୍ସାଧୀନ ରୋଗୀଙ୍କ ପାଖରେ ହେଲ୍ପଡେସ୍କ ସହଯୋଗୀ ବିଶ୍ୱମୋହନ

ପରେ ତାଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ଶହୀଦ ଲକ୍ଷ୍ମଣ ନାୟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ମାଝି ଏହି ଘଟଣାର ତଦାରଖ କରିବା ପାଇଁ ଆମର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳଙ୍କୁ ଅବଗତ କରାଇଥିଲେ। ରୋଗୀ ଡାକ୍ତରଖାନାରେ ପହଞ୍ଚିବା ମାତ୍ରେ ବୈକୁଣ୍ଠ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ। ଗୋଟିଏ ଦିନ ଚିକିତ୍ସିତ ହେବା ପରେ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ବିଶାଖାପାଟଣାକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଥିଲା।

ରୋଗୀଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ହସ୍ପିଟାଲରୁ ବିଶାଖାପାଟଣା ସ୍ଥାନାନ୍ତର କରିବା ପାଇଁ ବୈକୁଣ୍ଠ ଆବଶ୍ୟକ ବ୍ୟବସ୍ଥା କରିବା ସହିତ ବିଶାଖାପଟଣାରେ ଥିବା ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ ବେହେରାଙ୍କୁ ଯୋଗାଯୋଗ କରି ରୋଗୀଙ୍କୁ ସାହାଯ୍ୟ କରିବାକୁ କହିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚଷମା ବଣ୍ଟନ କାର୍ଯ୍ୟକ୍ରମ

ଓଡ଼ିଶା ମୋ- ପରିବାର ତତ୍ତ୍ୱାବଧାନ ତଥା ଭୁବନେଶ୍ୱର ଆର୍.ଟି.ଓ -୧, ଆର୍.ଟି.ଓ-୨ ଏବଂ ଖୋର୍ଦ୍ଧା ଆର୍.ଟି.ଓଙ୍କ ମିଳିତ ଭାବେ ରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା।

ମୂଳତଃ, ଏହି ଚକ୍ଷୁ ପରୀକ୍ଷା ଭାରୀ ଯାନ ଚଳାଉଥିବା ଡ୍ରାଇଭରମାନଙ୍କ ପାଇଁ ଥିଲା ଏବଂ ଚକ୍ଷୁ ପରୀକ୍ଷା ସରିବା ପରେ ୩୧ଜଣଙ୍କୁ ଚଷମା ଆବଶ୍ୟକ ବୋଲି ଚିହ୍ନଟ କରାଯାଇଥିଲା । ଉପସ୍ଥିତ ଲୋକଙ୍କୁ ପଢିବା ଚଷମା ଏବଂ ବାଇଫୋକାଲ୍ ଗ୍ଲାସ୍ ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ ଏଲ୍.ଭି.ପ୍ରସାଦ ପକ୍ଷରୁ ହିତାଧିକାରୀ ମାନଙ୍କୁ ଚଷମା ପ୍ରଦାନ କରାଯାଇଥିଲା । ଏହି ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିବାରୁ ସେମାନେ ଓଡ଼ିଶା-ମୋ ପରିବାରକୁ ଅଶେଷ କୃତଜ୍ଞତା ଜଣାଇଛନ୍ତି।



ହିତାଧିକାରୀମାନେ ଚଷମା ଗ୍ରହଣ କରୁଛନ୍ତି

# ସ୍ୱେଚ୍ଛାକୃତ ଅଙ୍ଗଦାନ ପାଇଁ ପଞ୍ଜିକରଣ

ଅଙ୍ଗ ଦାନ ଜୀବନର ଏକ ଉଲ୍ଲେଖନୀୟ ଉପହାର । ଅଙ୍ଗ ହରାଇଥିବା କିମ୍ବା ରୋଗ ହେତୁ ପ୍ରତିରୋପଣର ଆବଶ୍ୟକତା ଥିବା ଲୋକମାନଙ୍କ ଜୀବନ ବଞ୍ଚାଇବାରେ କିମ୍ବା ଉନ୍ନତି କରିବାରେ ଏହା ସାହାଯ୍ୟ କରେ ।

ଓଡ଼ିଶା-ମୋ ପରିବାର ଅବିରତ ସମର୍ପଣ ସହିତ ସମାଜର ନିରନ୍ତର ସେବା କରି ଆସୁଛି, ଅସହାୟ ଲୋକମାନଙ୍କୁ ଆବଶ୍ୟକ ସମୟରେ ସେବା ଯୋଗାଉଛି । ଏହି ସେବାର ଏକ ଅଂଶ ଭାବରେ, ଓଡିଶା-ମୋ ପରିବାର ଏହାର ମୁଖ୍ୟ କାର୍ଯ୍ୟାଳୟରେ ୨୦୨୨ ମସିହା ମାର୍ଚ୍ଚ ୫ ତାରିଖରେ "ଅଙ୍ଗ ଦାନ ପଞ୍ଜୀକରଣ ଅଭିଯାନ" ଆରମ୍ଭ ହୋଇଥିଲା। ସେହି ଦିନଠାରୁ, ୭୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏହି ଉତ୍ତମ ପଦକ୍ଷେପ ନିମନ୍ତେ ସ୍ୱେଚ୍ଛାକୃତ ଭାବରେ ଅଙ୍ଗ ଦାନ ପାଇଁ ପଞ୍ଜୀକରଣ କରାଇ ଆସୁଛନ୍ତି ।

ମାର୍ଚ୍ଚ ମାସରେ, ନିମ୍ନଲିଖିତ ବ୍ୟକ୍ତିମାନେ ଅଙ୍ଗ ଦାନ ପାଇଁ ନିଜ ନାମ ପଞ୍ଜୀକରଣ କରିବାକୁ ଆଗେଇ ଆସିଥିଲେ ।

୧ ଭୁବନେଶ୍ୱରର ୪୦ବର୍ଷିୟ ବାସିନ୍ଦା ତ୍ରିଲୋଚନ ସାହୁ ସାମାଜିକ ଗଣମାଧ୍ୟମରୁ ଅଙ୍ଗଦାନ ପଞ୍ଜୀକରଣ ବିଷୟରେ ଜାଣିଥିଲେ। ଏହି କାରଣରୁ ଉତ୍ସାହିତ ହୋଇ ସେ ଓଡ଼ିଶା-ମୋ ପରିବାର ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ତୁରନ୍ତ ଏଭଳି ଏକ ମହାନ କାର୍ଯ୍ୟ ପାଇଁ ନିଜ ନାମ ପଞ୍ଜୀକରଣ କରାଇଥିଲେ।






୨ ଜଗତସିଂହପୁର ଜିଲ୍ଲାର ୫୨ବର୍ଷିୟ ପାର୍ଥ ସଖା ପାଲଟାସିଂହ, ଓଡ଼ିଶା-ମୋ ପରିବାର ଉପଦେଷ୍ଟା ଶ୍ରୀ ସୁରେନ୍ଦ୍ର ମହାପାତ୍ରଙ୍କ ମାଧ୍ୟମରେ ପଞ୍ଜୀକରଣ ପ୍ରକ୍ରିୟା ବିଷୟରେ ଜାଣିଥିଲେ। ଜଣେ ସକ୍ରିୟ ସାମାଜିକ କର୍ମୀ ଭାବେ ତାଙ୍କର ଦେହାନ୍ତ ପରେ ସମସ୍ତ ଅଙ୍ଗକୁ ଦାନ କରି ଅନ୍ୟମାନଙ୍କୁ ସାହାଯ୍ୟ କରିପାରିବେ ବୋଲି ସଂକଳ୍ପବଦ୍ଧ ହୋଇ ଓଡ଼ିଶା-ମୋ ପରିବାର କାର୍ଯ୍ୟାଳୟ ପରିସରରେ ଅଙ୍ଗଦାନ ପାଇଁ ପଞ୍ଜିକରଣ କରିଥିଲେ ।

୩ ଅଙ୍ଗ ପ୍ରତିରୋପଣର ମହତ୍ତ୍ୱକୁ ହୃଦୟଙ୍ଗମ କରି କଟକ ଜିଲ୍ଲାର ୪୭ବର୍ଷିୟ ମନୋଜ ମହାପାତ୍ର ଅଙ୍ଗଦାନ ପାଇଁ ନିଜ ନାମ ପଞ୍ଜିକରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଓଡ଼ିଶା-ମୋ ପରିବାରର ସ୍ୱାସ୍ଥ୍ୟ ଉପଦେଷ୍ଟା ଡ଼ଃ ସତ୍ୟଜିତ୍ ଦାଶଙ୍କ ମାଧ୍ୟମରେ ପଞ୍ଜୀକରଣ ପ୍ରକ୍ରିୟା ବିଷୟରେ ଜାଣିଥିଲେ ଏବଂ ଏହି ଉତ୍ତମ କାର୍ଯ୍ୟ ପାଇଁ ଆଗେଇ ଆସିଥିଲେ ।







୪ ଭୁବନେଶ୍ୱରର ୨୫ ବର୍ଷିୟ ବାସିନ୍ଦା ସୁଭାଶିଷ ନାୟକ, ଜଣେ ସକ୍ରିୟ ସାମାଜିକ କର୍ମୀ ଭାବରେ ନିଃସ୍ୱାର୍ଥପର ସେବା ପାଇଁ ଜଣାଶୁଣା, ଅଙ୍ଗ ଦାନର ମହତ୍ତ୍ୱ ବିଷୟରେ ଜାଣି ସମୟରେ ଏକ ପରିବର୍ତ୍ତନ ଆଣିବାର ସୁଯୋଗରେ ଉତ୍ସାହିତ ହୋଇ ସେ ଓଡ଼ିଶା-ମୋ ପରିବାରକୁ ଯାଇ ତୁରନ୍ତ ଅଙ୍ଗ ଦାନ ପାଇଁ ନିଜକୁ ପଞ୍ଜୀକୃତ କରାଇଥିଲେ।

# ଅଧରାତିରେ ରୋଗୀଙ୍କ ପାଖରେ ପହଞ୍ଚି ସହାୟତା ପ୍ରଦାନ

ଯାଜପୁରର ୨୯ ବର୍ଷିୟ ବାସିନ୍ଦା ମୀର ରୋଶନ ଏକ ସାଇଟରେ କାମ କରିବା ସମୟରେ ଦୁର୍ଭାଗ୍ୟଜନକ ଘଟଣାର ସମ୍ମୁଖୀନ ହୋଇଥିଲେ ଯେଉଁଠାରେ ତାଙ୍କ ଦୁଇ ହାତରେ ଗଭୀର ଆଘାତ ଲାଗିଥିଲା। ମୃତ୍ୟୁରୁ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ । ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା ଏବଂ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।


ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ରୋଗୀ



ସେ ଏତେ ମାତ୍ରାରେ ଶାରୀରିକ ଆଘାତ ପାଇଥିଲେ ଯେ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପରବର୍ତ୍ତୀ ଚିକିତ୍ସା ପାଇଁ ପଠାଗଲା । ଶଯ୍ୟା ଉପଲବ୍ଧ ନ ଥିବାରୁ ପରିବାର ଲୋକେ ତାଙ୍କୁ ଅନ୍ୟ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ଅନ୍ୟ ଦୁଇ ଡାକ୍ତରଖାନାରେ ଚେଷ୍ଟା କରିଥିଲେ କିନ୍ତୁ ବିଳମ୍ବିତ ରାତି ହୋଇଥିବାରୁ ଶଯ୍ୟା ଉପଲବ୍ଧ ନ ଥିଲା, ଫଳରେ ପରିବାର ବର୍ଗ ଚାପଗ୍ରସ୍ତ ହୋଇ ତିଳେହେଁ ଡେରି ନକରି ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ନେଇଯାଇଥିଲେ । ସେଠାରେ, ଏକ ଶଯ୍ୟା ପାଇବା ପାଇଁ ଓଡ଼ିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ। ବିଳମ୍ବିତ ରାତି ହୋଇଥିବା ସତ୍ତ୍ୱେ, କଟକ ବଡ଼ ମେଡ଼ିକାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ଅଧୀକ୍ଷକଙ୍କ ସହ ଏହି ବିଷୟରେ ଆଲୋଚନା କରିଥିଲେ ଏବଂ ରୋଗୀ ପାଇଁ ଶଯ୍ୟା ଉପଲବ୍ଧତାକୁ ନିଶ୍ଚିତ କରିଥିଲେ। ସନ୍ତୋଷ ଆଡ଼ମିଶନ ପାଇଁ ଆବଶ୍ୟକୀୟ ଡାକ୍ତରଖାନା ପ୍ରକ୍ରିୟାରେ ସହାୟତା ଯୋଗାଇ ଦେଇଥିଲେ।

ଯେହେତୁ, ଆଘାତ ଗୁରୁତର ସଂକ୍ରମଣର କାରଣ ହୋଇଥିଲା, ଉଭୟ ହାତକୁ କାଟି ଦିଆଯାଇଥିଲା । ସନ୍ତୋଷ, ମିର ରୋଶନଙ୍କୁ ଶାନ୍ତ୍ୱନା ଜଣାଇ କୃତ୍ରିମ ଅଙ୍ଗ ଉପଲବ୍ଧତା ବିଷୟରେ ସୂଚନା ଦେଇଥିଲେ ଏବଂ ଭବିଷ୍ୟତରେ ତାଙ୍କୁ କୃତ୍ରିମ ଅଙ୍ଗ ଯୋଗାଇବେ ବୋଲି ମଧ୍ୟ ପ୍ରତିଶୃତି ଦେଇଥିଲେ । ବିଳମ୍ବିତ ରାତିରେ ସହଯୋଗର ହାତ ବଢାଇ ଥିବାରୁ ସନ୍ତୋଷଙ୍କୁ ମିର ରୋଶନ ଏବଂ ତାଙ୍କ ପରିବାରବର୍ଗ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

# ଭିନ୍ନକ୍ଷମ ଲିଜାଙ୍କୁ ସହାୟତା ଯୋଗାଇଲେ ସୋମନାଥ

ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ୧୭ବର୍ଷିୟା ମାନସିକ ବିକଳାଙ୍ଗ ଥିବା ଲିଜା ସାହୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କ ମା' ଭୁବନେଶ୍ୱରସ୍ଥିତ ଏମ୍ସକୁ ନେଇ ଯାଇଥିଲେ।


ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ରୋଗୀ

ଲିଜାଙ୍କ ବାପା ଜେଲରେ ଥିବାରୁ ଲିଜାଙ୍କର ସମ୍ପୂର୍ଣ୍ଣ ଯତ୍ନ ତାଙ୍କ ମା' ନେଉଥିଲେ। ହସ୍ପିଟାଲର ବିଶ୍ରାମଗାରରେ ଚିନ୍ତାରେ ବସିଥିବା ଲିଜାଙ୍କ ମା'ଙ୍କୁ ଆମ ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ଦେଖିବା ପରେ ତୁରନ୍ତ ପଚାରି ବୁଝିଥିଲେ । ଲିଜା ଓ ତାଙ୍କ ମା'ଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଲିଜାଙ୍କୁ ଚିକିତ୍ସା ନିମନ୍ତେ ଆଡ଼ମିଶନ କରାଯାଇଥିଲା । ସୋମନାଥ କେବଳ ଡାକ୍ତରଖାନା ପ୍ରଣାଳୀରେ ଲିଜାଙ୍କୁ ସାହାଯ୍ୟ କରିନଥିଲେ ବରଂ ତାଙ୍କ ମା'ଙ୍କ ପାଇଁ ଭୋଜନ ଏବଂ ରୋଗୀଙ୍କ ପାଇଁ କାଉଣ୍ଟରରୁ ନିର୍ଦ୍ଦିଷ୍ଟ ଔଷଧ କିଣିବାରେ ମଧ୍ୟ ସାହାଯ୍ୟ କରିଥିଲେ। ଲିଜାଙ୍କର ଶ୍ରବଣଶକ୍ତି କମ୍ ଥିବାରୁ ସୋମନାଥ ତାଙ୍କ ପାଇଁ ଏକ ଶ୍ରବଣ ଯନ୍ତ୍ର ପାଇବାରେ ମଧ୍ୟ ସାହାଯ୍ୟ କରିଥିଲେ ।

ସୋମନାଥ ଲିଜାଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ନିୟମିତ ପଚାରି ବୁଝୁଥିଲେ ଏବଂ ଡିସ୍ଚାର୍ଜ ହେବା ପରେ ଡେଲାଙ୍ଗସ୍ଥିତ ତାଙ୍କ ଗ୍ରାମକୁ ସୁରକ୍ଷିତରେ ଫେରିବା ପାଇଁ ଯାତାୟାତ ସହାୟତା ଯୋଗାଇ ଦେଇଥିଲେ ।

# ମୃତଦେହ ସ୍ଥାନାନ୍ତର ପାଇଁ ସହାୟତା ପ୍ରଦାନ

ପେଟରେ ଯନ୍ତ୍ରଣା ଭୋଗୁଥିବା ବରଗଡ଼ର ୫୬ବର୍ଷୀୟ ବ୍ୟକ୍ତି ଅଖିଳ କୁମାର ପ୍ରଧାନ ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

ଦୁର୍ଭାଗ୍ୟବଶତଃ, ଚିକିତ୍ସା ଚାଲିଥିବା ବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଆର୍ଥିକ ଚାପରେ ଥିବା ପରିବାରବର୍ଗ, ଓଡ଼ିଶା-ମୋ ପରିବାର, ଜୀବନବିନ୍ଦୁ ସଂଯୋଜକ ବରଗଡ଼ର ଶ୍ରୀ ଗୌରହରି ମିଶ୍ରଙ୍କ ସାହାଯ୍ୟ ଲୋଡ଼ିଥିଲେ।

ଶ୍ରୀ ମିଶ୍ରଙ୍କ ଠାରୁ ସୂଚନା ପାଇବା ପରେ, ସମ୍ ହସ୍ପିଟାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ଶିବ ରାଉତ ତୁରନ୍ତ ହସ୍ପିଟାଲରେ ପହଞ୍ଚି ପରିବାରକୁ ଆବଶ୍ୟକୀୟ ସାହାଯ୍ୟ କରିଥିଲେ । ପୋଷ୍ଟମର୍ଟମ ଏବଂ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ଶିବ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବା ସହିତ ପରିବାରକୁ ଡାକ୍ତରଖାନାରୁ ବରଗଡ଼ସ୍ଥିତ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥିଲେ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# କୃତ୍ରିମ ଅଙ୍ଗ ବିତରଣ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭିକୁ ମହାବୀର ଜୟପୁର ଫୁଟ୍ ସେଣ୍ଟର (BMJFC) ସହିତ SSEPD ବିଭାଗ ଭୁବନେଶ୍ୱରରେ ୬ ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।

ଯେଉଁଥିରେ ଆଣ୍ଠୁର ତଳଭାଗ ଏବଂ ହାତ ପାଇଁ କୃତ୍ରିମ ଅଙ୍ଗ ତିଆରି କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଓଡ଼ିଶା-ମୋ ପରିବାରର ହେଲ୍ପଡେସ୍କ ସହଯୋଗୀମାନେ ମଧ୍ୟ ଯୋଗ ଦେବା ସହିତ କୃତ୍ରିମ ଅଙ୍ଗର ଆବଶ୍ୟକତା ଥିବା ହିତାଧିକାରୀମାନେ ଅଂଶ ଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୭୨କୃତ୍ରିମ ଅଙ୍ଗ, ୫ଟି ହ୍ୱିଲଚେୟାର,୨ଟି ଟ୍ରାଇସାଇକେଲ, ୭ଟି ଆଶାବାଡ଼ି ବଣ୍ଟନ କରାଯାଇଥିଲା। କୃତ୍ରିମ ଅଙ୍ଗ ବିଷୟରେ ଜ୍ଞାନ ଆହରଣ କରିବାକୁ ଆମର ସହଯୋଗୀମାନେ ଟେକ୍ନିକାଲ ଟିମ୍ ସହିତ ଯୋଗାଯୋଗ କରିଥିଲେ ।

ସେମାନେ ହିତାଧିକାରୀଙ୍କ ସହ ମଧ୍ୟ ଯୋଗାଯୋଗ କରି ସହାୟତା ଯୋଗାଇ ଦେବା ପାଇଁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ |

ବିନା ମୂଲ୍ୟରେ କୃତ୍ରିମ ଅଙ୍ଗ ଯୋଗାଇ ଦେଉଥିବାରୁ ସମସ୍ତ ହିତାଧିକାରୀ ଓଡ଼ିଶା-ମୋ ପରିବାରକୁ ଅଶେଷ କୃତଜ୍ଞତା ଜଣାଇଥିଲେ।ନିକଟ ଭବିଷ୍ୟତରେ, ଅଧିକ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିବାକୁ SSEPD ବିଭାଗ ଲକ୍ଷ୍ୟ ରଖିଛି ଯାହା ଦ୍ୱାରା ଅଧିକ ସଂଖ୍ୟକ ହିତାଧିକାରୀ ମଧ୍ୟ ଏହି ସୁବିଧା ପାଇପାରିବେ।





# ମିତ୍ରଭାନୁଙ୍କ ପରିବାରକୁ ସହାୟତା ପ୍ରଦାନ

ବରଗଡ଼ର ୫୬ବର୍ଷିୟ ବାସିନ୍ଦା ମିତ୍ରଭାନୁ ରଣା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ମଧ୍ୟ ମିତ୍ରଭାନୁ ବଞ୍ଚିପାରିଲେ ନାହିଁ। ପରିବାରବର୍ଗ ନିଜ ଗାଁକୁ ଫେରିବା ପାଇଁ ଆର୍ଥିକ ଚାପରେ ଥିବାରୁ ବରଗଡ଼ ଜିଲ୍ଲା ଜୀବନ ବିନ୍ଦୁ ସଂଯୋଜକ ଶ୍ରୀ ଗୌରହରି ମିଶ୍ରଙ୍କ ସହଯୋଗ ଲୋଡ଼ିଥିଲେ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଶ୍ରୀ ମିଶ୍ର, ତୁରନ୍ତ ଭୀମସାର ହସ୍ପିଟାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ଧୀରେନ୍ଦ୍ର ସୁନାଙ୍କୁ ସୂଚନା ଦେବା ପରେ ସେ ତୁରନ୍ତ ପରିବାରବର୍ଗଙ୍କ ପାଖରେ ପହଞ୍ଚି ଡାକ୍ତରଖାନାର ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିବା ସହିତ ସେମାନଙ୍କୁ ଡାକ୍ତରଖାନାରୁ ବରଗଡ଼ସ୍ଥିତ ନିଜ ଜନ୍ମସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।

# ବସ୍ ଦୁର୍ଘଟଣାଗ୍ରସ୍ତଙ୍କ ପାଖରେ ପହଞ୍ଚିଲା ଓଡ଼ିଶା-ମୋ ପରିବାର

ଗତ ମାର୍ଚ୍ଚ ୨୬ତାରିଖ ସନ୍ଧ୍ୟାରେ ମାଲକାନଗିରିରୁ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରୁଥିବା ଏକ ଘରୋଇ ବସ୍ କୋରାପୁଟର ପୋଡ଼ଗଡା ଗ୍ରାମ ନିକଟରେ ଗୁରୁତର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦ୍ରୁତ ଗତିରେ ଯାଉଥିବା ଏହି ବସ୍‌ଟି ତାର ଭାରସାମ୍ୟ ହରାଇ ଓଲଟି ପଡିଥିଲା। ପୋଲିସ ଏବଂ ସ୍ଥାନୀୟ ଗ୍ରାମବାସୀ ଆହତ ଯାତ୍ରୀମାନଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା।

ରାତି ପ୍ରାୟ ୧୧ଟା ସମୟରେ ଯେତେବେଳେ ରୋଗୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା । ସୂଚନା ପାଇବା ପରେ କୋରାପୁଟରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳ ସହାୟତା ଯୋଗାଇବା ପାଇଁ ଡାକ୍ତରଖାନାକୁ ଯାଇଥିଲେ। ଗୁରୁତର ଆହତ ହୋଇଥିବା ୧୦ଜଣ ଯାତ୍ରୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।

ବସର ଅନ୍ୟ ଏକ ଡ୍ରାଇଭର ଗୁରୁତର ଆହତ ହେବା ଫଳରେ ତାଙ୍କ ଗୋଡ଼ କଟିଯାଇଥିଲା ଏବଂ ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବୈକୁଣ୍ଠ ରୋଗୀଙ୍କୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ ଏବଂ ତାଙ୍କୁ ସେଠାରେ ସହାୟତା ଯୋଗାଇ ଦେବା ପାଇଁ ଏମ୍.କେ.ସି.ଜି ହସ୍ପିଟାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀଙ୍କୁ କହିଥିଲେ । ବୈକୁଣ୍ଠ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାର ସହିତ ଯୋଗାଯୋଗ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ସାହାଯ୍ୟ କରିଥିଲେ। ପରିବାରବର୍ଗ ଡ଼ାକ୍ତରଖାନାରେ ପହଞ୍ଚିବା ପରେ ବୈକୁଣ୍ଠ ପୋଷ୍ଟମର୍ଟମ ସମୟରେ ସାହାଯ୍ୟ କରିଥିଲେ ଏବଂ ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।




ରୋଗୀଙ୍କ ସହିତ ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ

# ହେଲ୍ଥଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ


ଚିକିତ୍ସାଧୀନ ଅବସ୍ଥାରେ ରୋଗୀ

ଜଟିଳ ରକ୍ତ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ବାଲେଶ୍ୱର ଜିଲ୍ଲାର ୫୮ବର୍ଷିୟ ଜାନକୀ ପରମାଣିକଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

ଆମର ହେଲ୍ଥଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆବଶ୍ୟକୀୟ ସହାୟତା  ଯୋଗାଇ ଦେଇଥିଲେ । ଚିକିତ୍ସା ସମୟରେ, ବିରଳ O-ve ରକ୍ତର ଏକ ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରିବାରେ ଅସମର୍ଥ ହୋଇ ସୋମନାଥଙ୍କ ସହଯୋଗ ଲୋଡ଼ିବା ପରେ ରୋଗୀଙ୍କ ପାଇଁ ଏକ ୟୁନିଟ୍ ରକ୍ତ ବ୍ୟବସ୍ଥା କରିଥିଲେ ।

ଯକୃତ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ କୋରାପୁଟ ଜିଲ୍ଲାର ୨୪ବର୍ଷିୟ ବାସିନ୍ଦା ପଙ୍କର ଜାନିଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ଆମର ହେଲ୍ଥଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଚିକିତ୍ସା ସମୟରେ ବିରଳ AB + ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଏବଂ ବୈକୁଣ୍ଠ ପରିବାରକୁ ଉପଯୁକ୍ତ ସମୟରେ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ।


ରୋଗୀଙ୍କ ଭାଇ ରକ୍ତ ୟୁନିଟ୍ ଗ୍ରହଣ କରୁଛନ୍ତି


ରୋଗୀଙ୍କ ଭାଇ ରକ୍ତ ୟୁନିଟ୍ ଗ୍ରହଣ କରୁଛନ୍ତି

ସ୍ତ୍ରୀ' ରୋଗରେ ପୀଡ଼ିତ କେନ୍ଦ୍ରାପଡ଼ା ନିବାସୀ ୬୫ ବର୍ଷିୟ ସତ୍ୟଭାମା ପାଲ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କଟକ ବଡ଼ ମେଡ଼ିକାଲ ଯାଇଥିଲେ।

ରୋଗୀଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରିବାକୁ ପରାମର୍ଶ ଦିଆଯାଇଥିଲା। ଆମର ହେଲ୍ଥଡେସ୍କ ସହଯୋଗୀ ସନ୍ଦୀପ ରଥ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ ଏବଂ ନିୟମିତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ । ରୋଗୀର ବିରଳ AB + ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାରବର୍ଗ  ଯୋଗାଡ଼ କରିବାରେ ଅସମର୍ଥ ହୋଇ ସନ୍ଦୀପଙ୍କ ସହାୟତା ଲୋଡ଼ିବା ପରେ ସନ୍ଦୀପ ରୋଗୀ ପାଇଁ ଆବଶ୍ୟକୀୟ ରକ୍ତ ୟୁନିଟ୍ ଯୋଗାଡ଼ କରି ଦେଇଥିଲେ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସହାୟତା


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁ

କିଡ଼ନୀ ଜନିତ ରୋଗରେ ପୀଡ଼ିତ କଳାହାଣ୍ଡି ଜିଲ୍ଲାର ୪୨ବର୍ଷିୟ ମୃତ୍ୟୁଞ୍ଜୟ ବୈଠାରୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ।

ଆମର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶ ଏବଂ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ପରୀକ୍ଷଣରେ ସାହାଯ୍ୟ କରିଥିଲେ । ପରବର୍ତ୍ତୀ ଚିକିତ୍ସା ପାଇଁ ରୋଗୀଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହିତ ତାଙ୍କ ଖର୍ଚ୍ଚ ପାଇଁ ଅର୍ଥ ଯୋଗାଡ଼ କରିବାରେ ମଧ୍ୟ ହିମାଂଶୁ ସାହାଯ୍ୟ କରିଥିଲେ ।

ଗଞ୍ଜାମ ଜିଲ୍ଲାର ୧୩ ବର୍ଷିୟ ବାଳିକା ସସ୍ମିତା ସବର, ଆପ୍ଲାଷ୍ଟିକ୍ ଆନେମିଆରେ ପୀଡ଼ିତ ହୋଇ ଚିକିତ୍ସା ନିମନ୍ତେ ଭୁବନେଶ୍ୱରସ୍ଥିତ ଏମ୍ସକୁ ପଠାଯାଇଥିଲା।

ଆମର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିଥିଲେ । ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଏବଂ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ । ସୋମନାଥ ରୋଗୀ ସୁସ୍ଥ ହୋଇ ଡିସ୍ଚାର୍ଜ ହେବା ପର୍ଯ୍ୟନ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝୁଥିଲେ ।


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ସୋମନାଥ


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ

ଯକୃତ କର୍କଟ ରୋଗରେ ପୀଡ଼ିତ କୋରାପୁଟ ଜିଲ୍ଲାର ୬୦ବର୍ଷିୟ ଗୁରୁ ହରିଜନଙ୍କୁ ବିଶାଖାପାଟଣାସ୍ଥିତ ଏଚ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ରୋଗୀଙ୍କୁ ଦୁଇଦିନ ଡାକ୍ତରଖାନାରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଆମର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ରୋଗୀ ଏବଂ ତାଙ୍କ ପରିବାରକୁ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ସହିତ ସ୍ୱାସ୍ଥ୍ୟ ପରୀକ୍ଷଣରେ ସାହାଯ୍ୟ କରିଥିଲେ । ପରେ, କେମୋ-ଥେରାପି ପାଇଁ ରୋଗୀଙ୍କୁ ପରାମର୍ଶ ଦିଆଯାଇଥିଲା ଏବଂ ପ୍ରକାଶ ରୋଗୀଙ୍କ ଆଡ଼ମିଶନ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ସମସ୍ତ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।




# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ




୧ ପାୱାର ପ୍ଲାଣ୍ଟରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଭାବରେ କାର୍ଯ୍ୟ କରୁଥିବା କଟକ ଜିଲ୍ଲାର୍ ୩୫ବର୍ଷିୟ ଦେବାଶିଷ ସାହୁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଯଦ୍ୱାରା ଗୋଡ଼ରେ ଗଭୀର ଆଘାତ ଲାଗି ଦୁର୍ଭାଗ୍ୟବଶତଃ, ତାଙ୍କ ବାମ ଗୋଡ଼ର ଆଣ୍ଠୁ ଉପରକୁ କାଟି ଦିଆଯାଇଥିଲା । ସେ ପୂର୍ବରୁ କୃତ୍ରିମ ଅଙ୍ଗ ବ୍ୟବହାର କରିଥିଲେ ସୁଦ୍ଧା ତାଙ୍କୁ ଆରାମଦାୟକ ଲାଗି ନଥିଲା । ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ବିଷୟରେ ଜାଣିବା ପରେ ସେ ଓଡ଼ିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ । କ୍ୟାପିଟାଲ୍ ହସ୍ପିଟାଲ ପରିସରଭୁକ୍ତ ଏ.ଆର୍.ସି ମାଧ୍ୟମରେ କୃତ୍ରିମ ଅଙ୍ଗ ପାଇବା ପରେ ଦେବାଶିଷ ଓଡ଼ିଶା-ମୋ ପରିବାରକୁ କୃତଜ୍ଞତା ଜଣାଇଥିଲେ।

୨ ରାୟଗଡ଼ା ଜିଲ୍ଲାର ୪୧ ବର୍ଷିୟ ଫିଲମୋହନ ଜାଗରଙ୍ଗା, ପରିବାର ପ୍ରତିପୋଷଣ କରିବା ପାଇଁ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ସାଇଟରେ କାମ କରୁଥିବାବେଳେ, ସେ ଏକ ବୈଦ୍ୟୁତିକ ଆଘାତର ଶିକାର ହୋଇଥିଲେ, ଯାହାଫଳରେ ତାଙ୍କ ଡାହାଣ ହାତ ଜଳି ଯାଇଥିଲା ଏବଂ ଦୁର୍ଭାଗ୍ୟବଶତଃ, ତାଙ୍କ ଡାହାଣ ହାତର କାନ୍ଧ ତଳକୁ କାଟି ଦିଆଯାଇଥିଲା । ସେ ପୂର୍ବରୁ କେବେ କୃତ୍ରିମ ଅଙ୍ଗ ବ୍ୟବହାର କରିନଥିଲେ । ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ସେ କ୍ୟାପିଟାଲ୍ ହସ୍ପିଟାଲକୁ ଯାଇଥିଲେ ଏବଂ ତାଙ୍କୁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ରଞ୍ଜନ ସାହୁ କୃତ୍ରିମ ଅଙ୍ଗ ପାଇବା ପାଇଁ କ୍ୟାପିଟାଲ୍ ହସ୍ପିଟାଲ ପରିସରଭୁକ୍ତ ଏ.ଆର୍.ସି ସହିତ ଯୋଗାଯୋଗ କରିଥିଲେ। କୃତ୍ରିମ ଅଙ୍ଗ ଗ୍ରହଣ କରିବା ପରେ ଫିଲମୋହନ ଆଲୋକ ଏବଂ ଓଡ଼ିଶା-ମୋ ପରିବାରକୁ କୃତଜ୍ଞତା ଜଣାଇଥିଲେ।



# ଆପାତକାଳରେ ରକ୍ତଦାନ



ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



ଡି.ଏଚ୍.ଏଚ୍.,ଭବାନୀପାଟଣା ରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ହେଲ୍ପଡେସ୍କ ସହଯୋଗୀ ହିମାଂଶୁଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



ଭବାନୀପାଟଣା ରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ହେଲ୍ପଡେସ୍କ ସହଯୋଗୀ ହିମାଂଶୁଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



ଡି.ଏଚ୍.ଏଚ୍.,ଭବାନୀପାଟଣା ରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାରପାଇଁ ହେଲ୍ପଡେସ୍କ ସହଯୋଗୀ ହିମାଂଶୁଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



କ୍ୟାପିଟାଲ ରେ ଜଣେ ରୋଗୀଙ୍କ ପାଇଁ ହେଲ୍ପଡେସ୍କ ସହଯୋଗୀ ଜ୍ୟୋତିଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼



ଏମ୍ସ, ଭୁବନେଶ୍ୱରରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ହେଲ୍ପଡେସ୍କ ସହଯୋଗୀ ସୋମନାଥଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼




ଭୁବନେଶ୍ୱର କିମ୍ସରେ ଜଣେ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼




ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଜଣେ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼



ଭୁବନେଶ୍ୱର ଆମ୍ରି ହସ୍ପିଟାଲରେ ଜଣେ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼

# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡିଶା-ମୋ ପରିବାର, 'ଜୀବନବିନ୍ଦୁ'କାର୍ଯ୍ୟକ୍ରମ ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ବ୍ଲଡ଼ ବ୍ୟାଙ୍କରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ବ୍ଲଡ଼ ବ୍ୟାଙ୍କଗୁଡିକର କ୍ଷମତା, ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗତ ମାର୍ଚ୍ଚ ମାସରେ ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ସମୁଦାୟ **୪୪୨୩** ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।




## ଜିଲ୍ଲା ସ୍ତରରେ ହୋଇଥିବା ରକ୍ତ ସଂଗ୍ରହ




## ଶ୍ରେଷ୍ଠ ପ୍ରଦର୍ଶନକାରୀ

ଜିଲ୍ଲା ସଂଯୋଜକ

ମାର୍ଚ୍ଚ ୨୦୨୪



ଶ୍ରୀ ଗୌରହରି ମିଶ୍ର

ବରଗଡ଼ - ୬୧୬ ୟୁନିଟ୍



ଶ୍ରୀ ବିମଳ ଚନ୍ଦ୍ର ଦାସ

ଯାଜପୁର - ୪୩୫ ୟୁନିଟ୍



ଶ୍ରୀ ରଞ୍ଜନ ବିଶ୍ୱାଳ

କଟକ ନଗର - ୩୯୫ ୟୁନିଟ୍

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ସଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ମାର୍ଚ୍ଚ ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ ୧୫୩ ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ବିରଳ ରକ୍ତ ଯୋଗାଇ ଦିଆଯାଇଛି।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| 1 | ସତ୍ୟଭାମା ପାଲ | 65 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି.କଟକ |
| 2 | ପଦ୍ମା ପ୍ରଧାନ | 51 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭିମସାର୍, ବୁର୍ଲା |
| 3 | ମୁକୁନ୍ଦ ନାୟକ | 86 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ଏମ୍.କେ.ସି.ଜି. ବ୍ରହ୍ମପୁର |
| 4 | ଆର୍ତ୍ତତ୍ରାଣ ସାହୁ | 72 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | ଏସ୍.ସି.ବି.କଟକ |
| 5 | ହର୍ଷ ମାଝି | 43 ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | B- | ଏମ୍ସ, ଭୁବନେଶ୍ୱର |
| 6 | ଜାନକୀ ପରମାଣିକ | 58 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଏମ୍ସ, ଭୁବନେଶ୍ୱର |
| 7 | ପଙ୍କଜ ଜାନି | 25 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ |
| 8 | ଅଙ୍କିତା ଦଳାଇ | 16 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି.କଟକ |
| 9 | ବେଦବ୍ୟାସ ମହାନ୍ତି | 63 ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି.କଟକ |
| 10 | ସୋନାଲି ସାହୁ | 31 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି.କଟକ |
| 11 | ରଞ୍ଜିତା ନିଆଳ | 30 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB- | ଡି.ଏଚ୍.ଏଚ୍., ଭବାନୀପାଟଣା |

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ*

# ଜୀବନ ମୃତ୍ୟୁ ଲଢେଇରେ ...

ପରବର୍ତ୍ତୀ ସମୟରେ, ଡାକ୍ତରୀ ବିଶେଷଜ୍ଞମାନେ ଭୂପେନ୍ଦ୍ରଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତରିତ କରିବା ପାଇଁ ପରାମର୍ଶ ଦେଇଥିଲେ, ସେତେବେଳେ ମଧ୍ୟ ତାଙ୍କୁ ସ୍ଥାନାନ୍ତର କରିବାରେ ଅନେକ ଅସୁବିଧା ଉପୁଜିଥିଲା । ହାଇ-ଟେକ ହସ୍ପିଟାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିକାଶ ବେହେରା ଏହି ପ୍ରକ୍ରିୟାକୁ ସଂଯୋଜନା କରିଥିଲେ ।

ଶେଷରେ, ଭୂପେନ୍ଦ୍ର ଏମ୍ସରେ ଉପଯୁକ୍ତ ଚିକିତ୍ସା ପାଇ ୧୦୦ କିଲୋଗ୍ରାମରୁ ଅଧିକ ଓଜନ ହ୍ରାସ କଲେ। ହସ୍ପିଟାଲରେ ଆମର ପରିଶ୍ରମୀ ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ, ଭୂପେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଥିଲେ ।




ଓଡ଼ିଶା-ମୋ ପରିବାରର ଟିମ୍ ଦ୍ୱାରା ନିରନ୍ତର ସମର୍ଥନ ପାଇଥିବାରୁ ଭୂପେନ୍ଦ୍ର ଏବଂ ତାଙ୍କ ପରିବାରବର୍ଗ ଅଶେଷ କୃତଜ୍ଞତା ଜଣାଇଛନ୍ତି। ଉତ୍ସର୍ଗୀକୃତ ପ୍ରୟାସ ଏବଂ ସମର୍ଥନ ହେତୁ ଭୂପେନ୍ଦ୍ର ପୁନର୍ବାର ନିଜେ ଚାଲିପାରୁଛନ୍ତି ।

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ ।

ମସ୍ତିଷ୍କ ଏବଂ ଗଳା କର୍କଟରେ ପୀଡ଼ିତ ଶିବ ପ୍ରସାଦ ସାମଲ, ରକ୍ତ କର୍କଟ ରୋଗରେ ପୀଡ଼ିତ ଦିପାଂଶୁ ରଞ୍ଜନ ସାହୁ ଏବଂ ବରୁଣ କୁମାର ମଣ୍ଡଳଙ୍କୁ ଚିକିତ୍ସା ପାଇଁ ନୂତନ ପଞ୍ଜିକରଣ, ଡାକ୍ତରଙ୍କ ପରାମର୍ଶରେ ଏବଂ ଆବଶ୍ୟକୀୟ ଡାକ୍ତରୀ ପରୀକ୍ଷାରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ୍ ର ସ୍ୱେଚ୍ଛାସେବୀମାନେ ସହାୟତା ପ୍ରଦାନ କରିଥିଲେ ।

ଗତ ମାର୍ଚ୍ଚ ମାସରେ ଓଡ଼ିଶା-ମୋ ପରିବାର ୨୨ଜଣ କର୍କଟ ରୋଗୀଙ୍କୁ ସହାୟତା କରିଥିଲା ତନ୍ମଧ୍ୟରୁ ୧୪ଜଣଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲକୁ ରେଫର୍ କରାଯାଇଥିଲା ଏବଂ ୩ଜଣଙ୍କୁ ଦ୍ୱିତୀୟ ପରାମର୍ଶ ନେବାରେ ସାହାଯ୍ୟ କରାଯାଇଥିଲା । ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।



ନଜମା କୌସାର

ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ଥିବା ନଜମା କୌସାରଙ୍କୁ କେମୋ ଥେରାପି ଚିକିତ୍ସା ପରେ ଆବଶ୍ୟକ ହେଉଥିବା କୃତ୍ରିମ ସ୍ତନ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ ଯୋଗାଇଦିଆଯାଇଛି ।



## ମାର୍ଚ୍ଚ ମାସର ଶ୍ରେଷ୍ଠ କର୍ମଚାରୀ

### ଶ୍ରଦ୍ଧା ସୁଚିସ୍ମିତା


ଓଡିଶା-ମୋ ପରିବାର ପ୍ରତ୍ୟେକ ମାସରେ ଏହାର କର୍ମଚାରୀମାନଙ୍କ ଦ୍ୱାରା ସଂପାଦନ କରାଯାଇଥିବା କାର୍ଯ୍ୟର ପ୍ରୟାସକୁ ପ୍ରଶଂସା କରିଥାଏ । ଏହି କ୍ରମରେ କାର୍ଯ୍ୟ କ୍ଷେତ୍ରରେ ସ୍ଥିର କାର୍ଯ୍ୟଦକ୍ଷତା ପାଇଁ ଶ୍ରଦ୍ଧା ସୁଚିସ୍ମିତାଙ୍କୁ ଗତ ମାସର ଶ୍ରେଷ୍ଠ କର୍ମଚାରୀ ଭାବରେ ବିବେଚିତ କରାଯାଇଛି । ନିଜକୁ ଉନ୍ନତ କରିବା ଏବଂ ସର୍ବୋତ୍ତମ ଫଳାଫଳ ଯୋଗାଇବା ପାଇଁ ସେ ସର୍ବଦା ଚେଷ୍ଟା କରିଛନ୍ତି ।

# ଆପଣଙ୍କ ମୁହଁରୁ



**ଭୁପେନ୍ଦ୍ର କିଷାନ୍**
ସୁନ୍ଦରଗଡ, ୭୩୨୮୮୭୦୪୧୭

ଏସସିବି, କଟକ, ହାଇ-ଟେକ୍ ଏବଂ AIIMS, ଭୁବନେଶ୍ୱରରେ ମୋର ଚିକିତ୍ସା ସମୟରେ ସହଯୋଗ କରିଥିବାରୁ ମୁଁ ଓଡିଶା-ମୋ ପରିବାରର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି। ଅତ୍ୟଧିକ ଓଜନ ବୃଦ୍ଧି ହେତୁ, ମୁଁ ଶଯ୍ୟାଶାୟୀ ଥିଲି, କିନ୍ତୁ ସମସ୍ତଙ୍କ ଉଦ୍ୟମରେ ମୁଁ ପ୍ରାୟ ୧୦୦ କିଲୋଗ୍ରାମ ହରାଇ ପୁନର୍ବାର ନିଜେ ଚାଲିବାରେ ସକ୍ଷମ ହେଲି।



**ଦିନେଶ ପରମାଣିକ**
ବାଲେଶ୍ୱର, 7008047939

ମୋ ମା' ଭୁବନେଶ୍ୱରର AIIMSରେ ଭର୍ତ୍ତି ହୋଇଥିଲେ ଯେଉଁଠାରେ ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା । ମୁଁ ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁଙ୍କୁ ଧନ୍ୟବାଦ ଦେବି, ଯିଏ ସଠିକ ସମୟରେ ମୋତେ ରକ୍ତ ଯୋଗାଇ ଦେଇଥିଲେ ଏବଂ ଡାକ୍ତରଖାନାରେ ଆବଶ୍ୟକ ସହାୟତା କରିଥିଲେ।



**ସରସ୍ୱତୀ ପଣ୍ଡା**
୯୭୭୭୨୬୪୯୭୧

ମୁଁ ହେଲ୍ପଡେସ୍କ ସହଯୋଗୀ ଅବିନାଶ ବାବୁଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ମୋତେ ଆଡ଼ମିଶନ ପ୍ରକ୍ରିୟାରେ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ସାହାଯ୍ୟ କରିବା ସହିତ ଆବଶ୍ୟକ ପରୀକ୍ଷଣରେ ଏବଂ କାଉଣ୍ଟରରୁ ଔଷଧ ଆଣିବାରେ ମଧ୍ୟ ମୋତେ ସାହାଯ୍ୟ କରିଥିଲେ |



**ଓମ ପ୍ରକାଶ ସିଂହ**
ଖୋର୍ଦ୍ଧା, ୯୦୪୦୨୯୯୪୩୭

ମୁଁ ଜ୍ୱରରେ ପୀଡ଼ିତ ହୋଇ ଡାକ୍ତରଙ୍କ ପରାମର୍ଶ ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲକୁ ଯାଇଥିଲି । ମୁଁ ହେଲ୍ପଡେସ୍କ ସହଯୋଗୀ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ସମସ୍ତ ଆବଶ୍ୟକୀୟ ସହାୟତା ଏବଂ କାଉଣ୍ଟରରୁ ଔଷଧ ଆଣିବାରେ ମୋତେ ସାହାଯ୍ୟ କରିଥିଲେ ।



**ବିଜୟ ସିଂହ**
କଟକ, ୯୩୩୭୦୧୧୦୨୦

ମୋ ପତ୍ନୀ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ତାଙ୍କ ଅସ୍ତ୍ରୋପଚାର ସମୟରେ ରକ୍ତର ଜରୁରୀ ଆବଶ୍ୟକତା ଥିବାରୁ, ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ଉପଯୁକ୍ତ ସମୟରେ ଏକ ୟୁନିଟ୍ ରକ୍ତ ମୋତେ ଯୋଗାଡ଼ କରି ଦେଇଥିଲେ ।



**ଦେବରାଜ ସେଠୀ**
୭୩୭୭୩୪୬୪୭୮

ମୋ ଦାନ୍ତରେ ଯନ୍ତ୍ରଣା ହେଉଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ରଂଜନ ସାହୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏ ହସ୍ପିଟାଲରେ ମୋତେ ସମସ୍ତ ଆବଶ୍ୟକୀୟ ସହାୟତା ଏବଂ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ |




**ଏଲରି ଡାଳି**
ପୁରୀ, ୮୧୦୬୫୪୧୯୫୫

କିଡ଼ନୀ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ହୋଇ ମୁଁ ବିଶାଖାପାଟଣାସ୍ଥିତ ଇଣ୍ଡସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲି । ମୁଁ ପ୍ରକାଶ ବେହେରାଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ମୋତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ ସାହାଯ୍ୟ କରିଥିଲେ |



**ସନ୍ତୋଷ ଦାଶ**
କଟକ, ୯୯୩୮୮୫୬୦୧୧

ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ମୋର ଗୋଡରେ ଗଭୀର ଆଘାତ ଲାଗି, ଗୋଡ଼ଟି କଟା ହୋଇଯାଇଥିଲା । କ୍ୟାପିଟାଲ୍ ହସ୍ପିଟାଲରେ କୃତ୍ରିମ ଗୋଡ ପାଇବାରେ ସାହାଯ୍ୟ କରିଥିବାରୁ ଏବଂ ସମସ୍ତ ପ୍ରକ୍ରିୟାରେ ସହଯୋଗ କରିଥିବାରୁ ମୁଁ ହେଲ୍ପଡେସ୍କ ସହଯୋଗୀ ଆଲୋକ ରଂଜନ ସାହୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।



**କୁମାରୀ ପାଣ୍ଡି**
କଳାହାଣ୍ଡି, ୬୩୭୦୭୪୭୬୨୦

ଆଣ୍ଠୁ-ଗଣ୍ଠିରେ ଯନ୍ତ୍ରଣା ଭୋଗୁଥିବାରୁ ମୁଁ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ମତେ ଡାକ୍ତରଙ୍କ ପରାମର୍ଶ ନେବାରେ ଏବଂ ଔଷଧ ଆଣିବାରେ ସାହାଯ୍ୟ କରିଥିଲେ ।



**ଲକ୍ଷ୍ମୀପ୍ରିୟା ହୋତା**
ପୁରୀ , ୯୪୩୮୪୭୦୧୩୫

ମୋର ଚିକିତ୍ସା ପାଇଁ ମୋତେ ଭୁବନେଶ୍ୱର ହାଇ-ଟେକ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମୁଁ ବିକାଶ ବେହେରାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏ ମୋତେ ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ।

# 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ


ବରଗଡ଼


ରାଉରକେଲା


ଯାଜପୁର


କଟକ


ବାଲେଶ୍ୱର


ଅନୁଗୋଳ


କୋର୍ଦ୍ଧା


ପୁରୀ


ଗଞ୍ଜାମ


ସୁନ୍ଦରଗଡ଼



ନୟାଗଡ଼


ସମ୍ବଲପୁର


ମୟୂରଭଞ୍ଜ


କଳାହାଣ୍ଡି


ସୁବର୍ଣ୍ଣପୁର


କୋରାପୁଟ


ଗଜପତି


କନ୍ଧମାଳ


ଦେବଗଡ଼


ବଲାଙ୍ଗିର

# ପ୍ରମୁଖ ଖବରକାଗଜରେ ଓଡ଼ିଶା-ମୋ ପରିବାର

**ସମ୍ବାଦ**

## ଉସ୍ତାରେ ଜୀବନବିନ୍ଦୁ ଶିବିର

ପାଟପୁର, ୧/୩(ଇମିସ): ବିଜେଡି ନେତା ତଥା ଓସ୍ଥାବ ବ୍ୟାଙ୍କର ପ୍ରାକ୍ତନ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ସାନଖେମୁଣ୍ଡି ବ୍ଲକ୍ ରାଧାଦେଇପୁର ପଞ୍ଚାୟତର ଉସ୍ତା ଜଗନ୍ନାଥପୁରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋଟ ୭୪ ୟୁନିଟ୍ ରକ୍ତ ସଂଗ୍ରହୀତ ହୋଇଥିଲା। ଶ୍ରୀ ସ୍ୱାଇଁ ଓ ତାଙ୍କ ପତ୍ନୀ ଜୟଶ୍ରୀ ସ୍ୱାଇଁଙ୍କ ବିବାହବାର୍ଷିକୀ ଅବସରରେ ଜୟଶ୍ରୀ ସ୍ୱାଇଁ ପ୍ରଥମେ ରକ୍ତଦାନ କରିଥିଲେ। ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ସୁନୀଲ ଗୌଡ଼, ଜିଲ୍ଲା ସମ୍ପାଦକ ଧିରେନ କୁମାର ରଣା, ଛାତ୍ରନେତା କାଳୁଚରଣ ନାୟକ, ଗୌରୀଶଙ୍କର ତ୍ରିପାଠୀ, ଯୁବନେତା ମିଥୁନ ସେଠୀ, ମିଥୁନ ଦାସ, ସୁକୁମାର ପାତ୍ର, ସନ୍ତୋଷ ପ୍ରଧାନ, ବଳରାମ, ସୀମାଞ୍ଚଳ ସେଠୀ ଓ ଶିବ ପ୍ରଧାନ ପ୍ରମୁଖ ସଂଯୋଜନା କରିଥିଲେ। ବ୍ରହ୍ମପୁର ବ୍ଲଡ୍ ବ୍ୟାଙ୍କର କର୍ମକର୍ତ୍ତା ରକ୍ତ ସଂଗ୍ରହ କରିଥିଲେ। ବରିଷ୍ଠ ବିଜେଡି ନେତା କୈଳାସ ପାତ୍ର, କେ.ଭେଙ୍କିଟି, ବ୍ଲକ୍ ଉପାଧ୍ୟକ୍ଷ ପ୍ରତିନିଧି ସଞ୍ଜୟ ନାୟକ, ସରପଞ୍ଚ ଅଜୟ ଦାସ, ଶିବ ପ୍ରଧାନ, ସମିତିସଭ୍ୟ ନୀଳାଞ୍ଚଳ ପ୍ରଧାନ, ଜନାର୍ଦ୍ଦନ ପୋଲାଇ ଓ ସଂଗ୍ରାମ ବିଶୋଇ ପ୍ରମୁଖ ଯୋଗ ଦେଇ ଉତ୍ସାହିତ କରିଥିଲେ।

**ପ୍ରମେୟ**

## ଓଡ଼ିଶା ମୋ ପରିବାର, ଛାତ୍ର ବିଜେଡି ପକ୍ଷରୁ ରକ୍ତଦାନ ଶିବିର



### ୧୦୬ ୟୁନିଟ୍ ରକ୍ତ ସଂଗ୍ରହ

**ସମ୍ବାଦ**

## ଜୀବନବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର

**ସମାଜ**

## ୧୦୮ ୟୁନିଟ ରକ୍ତ ସଂଗ୍ରହୀତ



**ସମୟ**

## ବିଜୁ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର : ୭୭ ୟୁନିଟ ସଂଗ୍ରହ



**ସକାଳ**

## ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର



**ସମାଜ**

## ବିଜୁ ଜୟନ୍ତୀରେ ୧୫୦ ୟୁନିଟ୍ ରକ୍ତ ସଂଗୃହୀତ



**ପ୍ରମେୟ**

## ବିଜୁ ଜୟନ୍ତୀରେ ରକ୍ତଦାନ ଶିବିର



# ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ
## ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ
ରଜତ ଅଗ୍ରୱାଲ 7504986342

### ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ 8917400700

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟାଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## ସ୍ୱାସ୍ଥ୍ୟସେବା

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫

**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬

**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧

**ଏମ୍ସ, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭

**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭

**ଡି.ଏଚ୍.ଏଚ୍. ଭବାନୀପାଟଣା**
ଅବିନାଶ ବାବୁ - ୯୯୦୧୪୪୬୪୯୮
ହିମାଂଶୁ ନାୟକ - ୯୧୭୮୭୨୧୧୯୭

**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭

**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩

**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦
ନରେନ୍ଦ୍ର ସୁନା- ୯୩୩୭୯୫୯୬୩୪

**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫

**ପି.ଆର୍.ଏମ୍.ଏମ୍.ସି.ଏଚ୍, ବାରିପଦା**
ଯୋଗେଶ ଆଚାର୍ଯ୍ୟ - ୮୨୪୯୪୩୨୫୮୬

**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ଅଫିସ୍ ସଂଯୋଜକ**
ମନସ୍ୱିନୀ ଦାଶ - 8917400700

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତ୍ରିକା 9937699051
ମାନସୀ ରାୟ 9078151969

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999
ଚିତ୍ତ ରଂଜନ ମିଶ୍ର 8917400701

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969